# Akashvani, Sambalpur

## SAMBALPURI NEWS EVENING BULLETIN

## 7 June 2024- 7.02 pm- 7.12 pm.

**********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦ୍ର ନ ସରକାର୍ ଗଠନ୍ କର୍‌ବାର୍ ଲାଗି ବିଜେପି ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ କଲେ ନିମନ୍ତ୍ରଣ୍ ।

- ଆଏବା ରଏବାର୍ ଦିନ ହେଇପାରେ ମନ୍ତ୍ରିମଣ୍ଡଲ୍‌ର ଶପଥ୍ ଗ୍ରହଣ୍ ସମାରୋହ ।

୨- ରିଜର୍ଭ ବେଙ୍କ୍ ରେପୋରେଟ୍ ରହିଛେ ଅପରିବର୍ତ୍ତିତ୍ ।

୩- ଜ୍ୟୋତି ପ୍ରକାଶ୍ ପଟ୍ଟନାୟକ୍ ହେଲେ ଭାରପ୍ରାପ୍ତ ଆଡ୍‌ଭୋକେଟ୍ ଜେନେରାଲ୍ ।

୪- ଯୁକ୍ତ ଦୁଇ ପହେଲା ବଛର୍‌ର ନାଁଲେଖା ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ଆବେଦନ୍ ପ୍ରକ୍ରିୟା ।

ଆଉର୍

୫- ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଖାଦ୍ୟ ନିରାପତା ଦିବସ୍ ।

ଏନ୍‌ଡିଏ ନେତା ନରେନ୍ଦ୍ର ମୋଦୀ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ସର୍‌କାର୍ ଗଠନ୍ କର୍‌ବାର୍ ଲାଗି ନିମନ୍ତ୍ରଣ୍ କରିଛନ୍ । ଆଏଜ୍ ଉପର୍‌ବେଲା ଶ୍ରୀ ମୋଦୀ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍‌କେ ଯାଇକରି ରାଷ୍ଟ୍ରପତିଙ୍କୁ ଭେଟିଥିଲେ । ଇ ଅବ୍‌ସରେ କେନ୍ଦ୍ର ନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଂଟ- ଏନ୍‌ଡିଏ ସର୍‌କାର୍ ଗଠନ୍ କର୍‌ବାର୍ ଲାଗି ଶ୍ରୀ ମୋଦୀ  ରାଷ୍ଟ୍ରପତିଙ୍କର୍ ପାଖେ ଦାବି ଉପସ୍ଥାପନ୍ କରିଥିଲେ ।

ଇତାର୍‌ଉତ୍‌ରୁ ରାଷ୍ଟ୍ରପତି ଭବନ୍ ବାହାରେ ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି ଶ୍ରୀ ମୋଦୀ କହିଛନ୍ ଯେ, ତାଙ୍କର୍ ସର୍‌କାର୍ ସମିଆଥି ଗଲା ଦୁଇଟା କାର୍ଯ୍ୟକାଳ ସମିଆଥି ଦେଶେ ଜବର୍ ବିକାଶ୍ ହେଇଛେ ଆର୍ ଫିଂ’ ବର୍ଗ ଲୁକ୍‌କର୍ ଉନ୍ନତି ହେଇଛେ । ଆଏବା ଦିନେ ତାଙ୍କର୍ ସର୍‌କାର୍ ଆଘର୍ ବାଗିର୍ ବିକାଶ୍ କାର୍ଯ୍ୟ ଜାରି ରଖିବା ବଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ । ସେନ୍ତା ଆଏବା ରଏବାର୍ ଦିନ ମନ୍ତ୍ରୀମଣ୍ଡଲ୍‌ର ଶପଥ୍ ଗ୍ରହଣ୍ ସମାରୋହ ହେଇପାରେ ବଲି ଶ୍ରୀ ମୋଦୀ ସୂଚ୍‌ନା ଦେଇଛନ୍ ।

ସେଆଡ଼େ ପୁର୍‌ନା ସଂସଦ୍ ଭବନ୍‌ର କେନ୍ଦ୍ରୀୟ ହଲ୍ ନ ଆଏଜ୍ ହେଇଥିବା ଏନ୍‌ଡିଏର ବୈଠକ୍‌ଥି ନରେନ୍ଦ୍ର ମୋଦୀ ଏନ୍‌ଡିଏ ସଂସଦୀୟ ଦଲର୍ ନେତା ଭାବେ ସର୍ବସମ୍ମତିଥି ନିର୍ବାଚିତ ହେଇଥିଲେ । ବୈଠକ୍‌ଥି ମୋଦୀଙ୍କୁ ଏନ୍‌ଡିଏର୍ ନେତା ଭାବେ ରାଜ୍‌ନାଥ ସିଂ ପ୍ରସ୍ତାବ୍ ରଖିଥିଲେ । ଇ ପ୍ରସ୍ତାବ୍‌କେ କେନ୍ଦ୍ରମନ୍ତ୍ରୀ

ଅମିତ୍ ଶାହା ଆଉ ନୀତିନ୍ ଗଡ଼୍କରୀ, ତେଲୁଗୁ ଦେଶମ୍ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତା ଦଲ୍ ୟୁନାଇଟେଡ୍ ଅଧ୍ୟକ୍ଷ ଆଉ ବିହାର୍ ମୁଖ୍ୟମନ୍ତ୍ରୀ ନିତିଶ୍ କୁମାର୍ ଆଉ ଏନ୍‌ଡିଏର ସବୁ ସହଯୋଗୀ ଦଲ୍ ସମର୍ଥନ୍ କରିଥିଲେ ।

ଏନ୍‌ଡିଏର ନେତା ନିର୍ବାଚିତ୍ ହେବାର୍ ଉତ୍‌ରୁ ଶ୍ରୀ ମୋଦୀ ବୈଠକ୍‌କେ ସମ୍ବୋଧିତ୍ କରିକରି କହିଛନ୍ ଯେ, ଏନ୍‌ଡିଏ ହେଉଛେ ଭାରତ୍ ଆତ୍ମାର ପ୍ରତିବିମ୍ବ । ଦେଶ୍ ଗରିବ୍ ଲୁକ୍‌କର୍ ମଙ୍ଗଲ୍ ଲାଗି ଏନ୍‌ଡିଏ ଗଲା ୧୦ ବଛର୍ ହେଲା କାମ୍ କରି ଆସୁଛେ । ଆଏବା ଦିନେ ଏନ୍‌ଡିଏ ସର୍‌କାର୍ ଦେଶର୍ ବିକାଶ୍ ଲାଗି ଆହୁରି ବହୁତ୍‌ଟେ ପଦକ୍ଷେପ୍ ନେବା ।

ଦେଶର୍ ବିକାଶ୍ ଗତିଥି ଲୋକ୍‌ମାନ୍‌କୁ ସାମିଲ୍ ହେବାର୍ ଲାଗି ଶ୍ରୀ ମୋଦୀ ଆହ୍ୱାନ୍ ଦେଇଛନ୍ । ବିରୋଧୀ ଦଲ୍ ମାନ୍‌କର୍ ସାଙ୍ଗେ ମିଶିକରି ଦେଶର୍ ହିତ ଲାଗି କାମ୍ କର୍‌ବେ ବଲି ଶ୍ରୀ ମୋଦୀ ତାଙ୍କର୍ ଭାଷଣ୍‌ଥି କହିଛନ୍ ।

ଓଡ଼ିଶା ପ୍ରସଙ୍ଗଥି ଶ୍ରୀ ମୋଦୀ ତାଙ୍କର୍ ଉଦ୍‌ବୋଧନ୍‌ଥି କହିଛନ୍ ଯେ, ଓଡ଼ିଶା ଦେଶର୍ ବିକାଶ୍‌ର ଇଞ୍ଜିନ୍ ହେବା । ଆଏବା ୨୫ ବଛର୍‌ତକ୍ ଦେଶର୍ ବିକାଶ୍ କ୍ଷେତ୍ରଥି ଓଡ଼ିଶା ପ୍ରମୁଖ ଭୂମିକା ନେବା । ଓଡ଼ିଶା ଫଲାଫଲ୍ ବିକଶିତ୍ ଭାରତ୍‌ର ସପନ୍‌କେ ନୂଆଁ ଗତି ଦେବା ବଲି ଶ୍ରୀ ମୋଦୀ କହିଛନ୍ । ଧରିତ୍ରୀ ମା'ର୍ ସେବା କର୍‌ବାର୍ ଲାଗି ଗଛ୍ ଜାଗାବାର୍‌କେ ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ସମ୍ବୋଧନ୍‌ଥି ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ଏନ୍‌ଡିଏ ସଂସଦୀୟ ଦଲର୍ ନେତା ଭାବେ ତାଙ୍କୁ ନିର୍ବାଚିତ

କରିଥିବାର୍‌ନୁ ଶ୍ରୀ ମୋଦୀ ମେଂଟର୍ ସହଯୋଗୀ

ଦଲ୍‌ମାନ୍‌କୁ କୃତଜ୍ଞତା ଜନେଇଛନ୍ । ସେ କହିଛନ୍ ଯେ, ସଂସଦ୍‌ଥି ସବୁ ଦଲର୍ ସାଂସଦ୍ ତାଙ୍କର୍ ଲାଗି ସମାନ୍ ଆର୍ ସେମାନ୍‌କର୍ ଭିତ୍‌ରେ କେନ୍‌ସି ଭେଦ୍‌ଭାବ୍ ନାଇଁ ବଲି ଶ୍ରୀ ମୋଦୀ କହିଛନ୍ ।

ରିଜର୍ଭ ବେଙ୍କ୍- ରେପୋରେଟ୍        ଆର୍‌ଏନ୍‌ୟୁ/ କଟକ୍

ରିଜର୍ଭ ବେଙ୍କ୍ ଆଏଜ୍ ୨ ମାସିଆ ମୁଦ୍ରାନୀତି ସମୀକ୍ଷା କର୍‌ବାର୍ ଉତ୍‌ରୁ ରେପୋରେଟ୍ ନାଇଁ ବଦ୍‌ଲେଇ । ଇଟା ଆଘର୍ ବାଗିର୍ ୬ ଦଶ୍‌ମିକ୍ ୫ ପ୍ରତିଶତ୍ ରଖାଯାଇଛେ । ରିଜର୍ଭ ବେଙ୍କ୍ ଲଗାତାର୍ ୮ ନମ୍ବର୍ ଥର୍ ଲାଗି ରେପୋରେଟ୍ ନାଇଁ ବଦ୍‌ଲେଇ । ଇତାର୍‌ଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶ୍‌ମିକ୍ ୨/୫ ପ୍ରତିଶତ୍ ଆଉ ଋଣ ସୁବିଧା ଦର ଆର୍ ବେଙ୍କ୍ ଦର ୧୦ ଦଶ୍‌ମିକ୍ ୭/୫ ପ୍ରତିଶତ୍ ରଖାଯାଇଛେ । ମୁଦ୍ରା ନୀତି ସମୀକ୍ଷା କରୁଥିବା କମିଟି ଇଥର ଦୁଇ ଝନ୍ ବଦ୍‌ଲା ୪ ଝନ୍‌କର୍ ମତଥି ଇ ନିଷ୍ପତି ନେଇଥିବା ଜନାପଡ଼ିଛେ । କମିଟି ତର୍‌ଫୁ ଆର୍ଥିକ୍ ବିକାଶ୍‌କେ ଗତିଶୀଳ କର୍‌ବାର୍ ଆଉ ମୁଦ୍ରାସ୍ଫିତିକେ ସିମିତ୍ ରଖ୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ ବୈଠକ୍ ଗଲା ୫ ତାରିଖ୍‌ନୁ ମୁଲ୍ ହେଇଥିଲା । ବୈଠକ୍ ଉତ୍‌ରୁ ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ ଯେ, ମୁଦ୍ରାସ୍ଫିତି ଆଉ ଆର୍ଥିକ୍ ବୃଦ୍ଧି ଭିତ୍‌ରେ ସନ୍ତୁଲନ୍ ଅନୁକୂଳ ରହିଛେ । ସେ କହିଛନ୍ ଯେ,

ମୁଦ୍ରାନୀତି ଅନ୍‌ସାରେ ମୁଦ୍ରାସ୍ଫିତି ୪ ପ୍ରତିଶତ୍ ଭିତ୍‌ରେ ରଖାଯାଇଛେ । ଆଏବା ବର୍ଷା ଋତୁ ନ ଖାଦ୍ୟ ମୁଦ୍ରାସ୍ଫିତି ଉପ୍‌ରେ କମିଟି ନଜର୍ ରଖିଥିବାର୍ ସେ କହିଛନ୍ । ଇ ଆର୍ଥିକ୍ ବଛର୍ ଲାଗି ବିକାଶ୍ ଦର୍ ୭ ପ୍ରତିଶତ୍‌ନୁ ୭ ଦଶ୍‌ମିକ୍ ୨ ପ୍ରତିଶତ୍ କରାଯାଇଥିବାର୍ ସେ କହିଛନ୍ ।

ଆଡ୍‌ଭୋକେଟ୍ ଜେନେରାଲ୍ ଦାୟିତ୍ୱ ଆର୍‌ଏନ୍‌ୟୁ/ କଟକ୍

ହାଇକୋର୍ଟର ଆଇନ୍‌ଜୀବୀ ଜ୍ୟୋତିପ୍ରକାଶ୍ ପଟ୍ଟନାୟକଙ୍କୁ ରାଜ୍ୟ ଆଡ୍‌ଭୋକେଟ୍ ଜେନେରାଲ୍ ଭାବେ ନିଯୁକ୍ତି ଦିଆଯାଇଛେ । ଶ୍ରୀ ପଟ୍ଟନାୟକ୍ ଆଘର୍ ଦାୟିତ୍ୱ ସହେତେ ଅତିରିକ୍ତ ଭାବେ ଇ ଦାୟିତ୍ୱ ତୁଲାବେ । ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ କୁମାର୍ ପରିଜା ତାଙ୍କର୍ ପଦବୀନୁ ଇସ୍ତଫା ଦେବାର୍ ଉତ୍‌ରୁ ଶ୍ରୀ ପଟ୍ଟନାୟକଙ୍କୁ ଇ ଦାୟିତ୍ୱ ଦିଆଯାଇଛେ । ପରବର୍ତୀ ଆଦେଶ୍‌ତକ୍ ଶ୍ରୀ ପଟ୍ଟନାୟକ୍ ଇ ଦାୟିତ୍ୱ ତୁଲାବେ ବଲି ଆଇନ୍ ବିଭାଗ୍ ତର୍‌ଫୁ ପ୍ରକାଶିତ୍ ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ହାଇକୋର୍ଟ -ମାମ୍‌ଲା ଫଏସଲା ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟ ନ ଗଲା ୫ ମାସ୍ ଭିତ୍‌ରେ ୪୨ ହଜାର୍ ୯ ଶହ ୮୭ ଟା ମାମ୍‌ଲାର୍ ଫଏସଲା ହେଇଛେ । ହାଇକୋର୍ଟ

ନ ୨୦୨୪ ଜାନୁଆରୀ ୧ ତାରିଖ୍ ଦିନ ୧ ଲାଖ୍ ୪୭ ହଜାର୍ ୨୮ ଟା ବିଚାରାଧୀନ ମାମ୍ଲା ଥିବାର୍ ବେଲେ ଗଲା ମାସ୍ ଶେଷ୍ତକ୍ ଇଟା ୧ ଲାଖ୍ ୪୧ ହଜାର୍ ୫ ଶହ ୯୬ ଥି ପୁହୁଁଚିଥିଲା । ଇ ବଛର୍ ଜାନୁଆରୀ ନୁ ମେ ମାସ୍ ଭିତ୍ରେ ମୋଟ୍ ୩୭ ହଜାର୍ ୭ ଶହ ୭୦ ଟା ମାମ୍ଲା ଦାଏର୍ ହେଇଥିଲା ।

ଯୁକ୍ତ ଦୁଇ ନାଁଲେଖା ଆର୍ଏନ୍ୟୁ / କଟକ୍

୨୦୨୪-୨୫ ଶିକ୍ଷା ବଛ୍ରେ ଉଚ୍ଚମାଧ୍ୟମିକ ବିଦ୍ୟାଲୟର୍ ୧୧ କ୍ଲାସ୍ଥି ନାଁଲେଖା ଲାଗି ଆଏଜ୍ଠାନୁ ଆବେଦନ୍ ମୁଲ୍ ହେଇଛେ । ସାମ୍ସ ୱେବ୍ସାଇଟ୍ www.samsodisha.gov.in ଥି କମନ୍ ଆପ୍ଲିକେସନ୍ ଫର୍ମ ମିଲୁଛେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆଏବା ମାସ ୬ ତାରିଖ୍ତକ୍ ନାଁ ପଞ୍ଜିକରଣ୍ କରିପାର୍ବେ । ସାଧାରଣ୍ ବର୍ଗର୍ ଛାତ୍ରଛାତ୍ରୀମାନ୍କର୍ ଲାଗି ଆବେଦନ୍ ଫି’ ୨ ଶହ ଟଙ୍କା ଥିବାର୍ ବେଲେ ଅନୁସୂଚିତ ଜାତି ଆଉ ଜନଜାତି ଛାତ୍ରଛାତ୍ରୀଙ୍କର୍ ଲାଗି ଶହେ ଟଙ୍କା ରହିଛେ । ସେନ୍ତା ଦିବ୍ୟାଙ୍ଗ, ତୃତୀୟଲିଙ୍ଗୀ ଆର୍ ଅନାଥ ପିଲାମାନେ ମାହାଲିଆ ଆବେଦନ୍ କରିପାର୍ବେ । ଆଏବା ଅଗଷ୍ଟ ୧ ତାରିଖ୍ତକ୍ ଯୁକ୍ତ ଦୁଇ ପାଠ୍ପଢ଼ା ମୁଲ୍ ହେବା ବଲି ଉଚ୍ଚ

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ଜାରି ଗୁଟେ ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ଡୁଆଲ୍ ଡିଗ୍ରୀ ଡକ୍ଟରେଟ୍ କାର୍ଯ୍ୟକ୍ରମ ସମ୍ବଲ୍‌ପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ନ ଡୁଆଲ୍ ଡିଗ୍ରୀ ଡକ୍ଟରେଟ୍ କାର୍ଯ୍ୟକ୍ରମ୍ ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ୩ ବର୍ଷିଆ ଡୁଆଲ୍ ଡିଗ୍ରୀ ପ୍ରୋଗ୍ରାମ୍ ଖାସ୍ କରି କାର୍ଯ୍ୟରତ ପ୍ରଫେସନାଲ୍ ମାନ୍‌କର୍ ଲାଗି ପ୍ରସ୍ତୁତ୍ କରାଯାଇଛେ । ଉନ୍ନତ୍ ଶୈକ୍ଷିକ୍ ଯୋଗ୍ୟତା ଆଉ ଅଭିନବତାକେ ତହଁବାର୍ ହେଉଛେ ଇତାର୍ ଉଦ୍ଦେଶ୍ । କେରିଅର୍ ନ ବିନା ବାଧାଥି ଡକ୍ଟରେଟ୍ ଡିଗ୍ରୀ ହାସଲ୍ କର୍‌ବାର୍ ଆଉ ଗୁଟେ ବାଟ୍ ଦେଖାବା । ଆଏବା ୧୫ ତାରିଖ୍‌ତକ୍ ସିଭି, ସ୍ୱୟଂ ପ୍ରମାଣିତ୍ ଶିକ୍ଷାଗତ ପ୍ରମାଣପତ୍ର ଆଉ ଉଦ୍ଦେଶ୍ ବିବରଣୀ ସହେତେ ଦର୍‌ଖାସ୍ତ ଦାଖଲ୍ କରାଯାଇପାର୍‌ବା ବଲି ଆଇଆଇଏମ୍ ତର୍‌ଫୁ ଗୁଟେ ପ୍ରେସ୍ ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ । ଦୂଷିତ ଆଉ ଅପମିଶ୍ରିତ ଖାଦ୍ୟ ଖାଇକରି ପୁର୍‌ଥିର୍ ଲାଖ୍ ଲାଖ୍ ଲୋକ୍ ରୋଗଥି

ପଡୁଛନ୍ । ଖାଦ୍ୟ ସୁରକ୍ଷା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ୨୦୧୮ ମସିହାନୁ ଜାତିସଂଘ ତର୍ଫୁ ଇ ଦିବସ ପାଲନ୍ କରାଯାଉଛେ । ଇ ବଛର୍ ଖାଦ୍ୟ ସୁରକ୍ଷା ଦିବସ୍ର ବାର୍ତା ହେଉଛେ 'ଖାଦ୍ୟ ନିରାପତା:ଅପ୍ରତ୍ୟାଶିତ ପାଇଁ ପ୍ରସ୍ତୁତ ରୁହ' । ଇ ଅବ୍ସରେ ଆଏଜ୍ ଭିନ୍ ଭିନ୍ ଜାଗା ନ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ ବାବ୍ଦେ ଭିନ୍ ଭିନ୍ କର୍ମଶାଳା ହେଇଯାଇଛେ ।

ଉତ୍କେଲା- ରାୟପୁର୍ ବିମାନ୍ ଆର୍ଏନ୍ୟୁ/ କଟକ୍

କଲାହାଣ୍ଡି ଜିଲ୍ଲା ଉତ୍କେଲା ବିମାନ୍ ବନ୍ଦର୍ନୁ ଏତ୍କେ ଫି ଗୁରୁବାର୍ ସଖାଲର୍ ସାଢ଼େ ୯ ବଜେ ରାୟପୁର୍କେ ବିମାନ୍ ଯିବା । ବିମାନ୍ ଭଡ଼ା ୨ ହଜାର୍ ୪ ଶହ ୮୬ ଟଙ୍କା ଧାରିଜ୍ କରାଯାଇଛେ ବଲି ଭାରତୀୟ ବିମାନ୍ ବନ୍ଦର୍ ପ୍ରାଧିକରଣ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ଅଗଷ୍ଟ ମାସେ ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଉ ସେ ସମିଆର୍ ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମିଶିକରି ଉତ୍କେଲା ବିମାନ୍ ବନ୍ଦର୍ର ଲୋକାର୍ପଣ୍ କରିଥିଲେ । ସେଦିନୁ ଭୁବ୍ନେଶ୍ୱର୍- ଉତ୍କେଲା ଭିତ୍ରେ ବିମାନ୍ସେବା ମୁଲ୍ ହେଇଥିଲା ।

ପତର୍‌ପେଁଡ଼ି          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ବିହାଥି ଯୋଗ୍ ଦେବାର୍ ଲାଗି ଆଏଜ୍ ରାତି ୯ ବଜେ ନୃସିଂହ ମହାପ୍ରଭୁ ସହରର୍ ଦେବୀଦେବୀଙ୍କୁ  ନିଉତା ଦେବାର୍ ଲାଗି ବାହାର୍‌ବେ । ନୃସିଂହ ମହାପୁରୁ ବାଜାଗାଜା ସହେତେ ଗୁଟେ ଶୋଭାଯାତ୍ରାଥି ଭିନ୍ ଭିନ୍ ମନ୍ଦିର୍‌କେ ଯାଇକରି ନିଉତା ଦେବେ ।

ସେନ୍ତା ଆଏବା ରଏବାର୍ ଦିନ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ ଅଲ୍‌ଗା କମିଟିମାନ୍‌କୁ ନିଉତା ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ଆଏବା ୧୦ ତାରିଖ୍ ରାତି ଦେବଦେବ ମହାଦେବ ବରାତି ଯିବେ । ଶୁଭମୁହୂର୍ତଥି ବିହାଘର୍ ଆର୍ ୧୧ ତାରିଖ୍ ରାତିନୁ ଦେବଦମ୍ପତି ନଗର୍ ପରିକ୍ରମା କରିକରି ତାର୍ ଆର ଦିନ ଉପର୍‌ବେଲା ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ସେଆଡ଼େ ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ଠାନେ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରୀ ମୁଲ୍ ହେଇଛେ । ଗଲାକାଏଲ୍ ନଟ୍‌ରାଜ୍ ଶିବଙ୍କର୍ ଥାପ୍‌ନା କରାଯାଇଥିଲା । କପିଲେଶ୍ୱର୍ ମନ୍ଦିର୍‌ନୁ ଶିବ, ପାର୍ବତୀଙ୍କୁ ମଣ୍ଡପ୍‌କେ ଅନାଯାଇକରି ମହାଦୀପ ବସାଯାଇଥିଲା । ଇତାର୍‌ଛଡ଼ା ସୁବର୍ଣ୍ଣପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରୀ ଦେବୋତର୍ ବିଭାଗ୍ ତର୍‌ଫୁ ଜିଲ୍ଲା କୋଷାଗାର୍‌ର ଷ୍ଟ୍ରଙ୍ଗ୍‌ରୁମ୍‌ନୁ ସୁନା ଆର୍

ରୂପାର୍ ଅଲଙ୍କାର୍ ସହେତେ ଯାତ୍ରାଥି ବେଭାର୍ ହେଉଥିବା ଅଲ୍‌ଗା ଆଭରଣ ବାହାର୍ କରାଯାଇକରି ଯାତ୍ରା କମିଟି ମାନ୍‌କୁ ହସ୍ତାନ୍ତର୍ କରାଯାଇଛେ ।

ଶିମିଲିପାଲ୍ ଆର୍‌ଏନ୍‌ୟୁ/ କଟକ୍

ଶିମିଲିପାଲ୍ ଜାତୀୟ ଅଭୟାରଣ୍ୟ ଆଏବା ୧୨ ତାରିଖ୍‌ନୁ ପର୍ଯ୍ୟଟକ୍ ମାନ୍‌କର୍ ଲାଗି ବନ୍ଦ୍ ରହେବା । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଆଏଜ୍ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ବର୍ଷା ଋତୁ ଆସୁଥିବାର୍‌ନୁ ପର୍ଯ୍ୟଟକ୍‌ମାନ୍‌କର ସୁରକ୍ଷା ଦୃଷ୍ଟିନୁ ଅକ୍ଟୋବର୍ ମାସ୍‌ତକ୍ ଶିମିଲିପାଲ୍ ଅଭୟାରଣ୍ୟ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ବନ୍ଦ୍ ରହେବା ।

ଆଇଟିଏଫ୍ ଆର୍‌ଏନ୍‌ୟୁ/ କଟକ୍

ଉତର୍‌ପୂର୍ବ ଜୋନାଲ୍ ଆଇଟିଏଫ୍ ଟାଇକୋଣ୍ଡା ପ୍ରତିଯୋଗିତାଥି ଓଡ଼ିଶାକେ ୩ ଟା ସ୍ୱର୍ଣ୍ଣପଦକ୍ ସହେତେ ୨୯ ଟା ପଦକ୍ ମିଲିଛେ । ନୂଆଦିଲ୍ଲୀର୍ ତ୍ୟାଗ୍‌ରାଜ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଶେଷ୍ ହେଇଥିବା ୩୩ ନମ୍ବର୍ ଉତର୍‌ପୂର୍ବ ଜୋନାଲ୍ ଆଇଟିଏଫ୍ ପ୍ରତିଯୋଗିତାଥି ଓଡ଼ିଶାର୍ ଖେଲାଳିମାନେ ୩ ଟା ସ୍ୱର୍ଣ୍ଣ, ୧୫ ଟା ରୌପ୍ୟ ଆଉ ୧୧ ଟା କାଂସ୍ୟ ପଦକ୍

ଆଉ ତୃତୀୟ ରନର୍ସ ଅପ୍‌ର ଗୌରବ୍ ହାସଲ୍ କରିଛନ୍ । ବ୍ୟକ୍ତିଗତ୍ ଭାବେ କୁଲ୍‌ଦୀପ୍ ନାୟକ୍ ୨ ଟା ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଳେ କ୍ଷୀରୋଦ୍ ଚନ୍ଦ୍ର ସୁବୁଦ୍ଧି ଗୁଟେ ସ୍ୱର୍ଣ୍ଣପଦକ୍ ଜିତିଛନ୍ ।

ମୌସୁମୀ- ଓଡ଼ିଶା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨ ଦିନ୍ ଭିତ୍‌ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ହେଲେ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଳେ ମୌସୁମୀ ବାୟୁ ପ୍ରବେଶ୍ ଲାଗି ପାଗ୍ ଅନୁକୂଲ୍ ଥିବାର୍ ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍ ନ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।